# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**03rd September - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଖଣି ଓ ଇସ୍ପାତ ବିଭାଗର ୪୫୬ କୋଟି ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପିତ
- ରାଜ୍ୟରେ ବାର୍ଡ-ଫ୍ଲୁ ନିୟନ୍ତ୍ରଣ ଓ ନିରାକରଣ ଲକ୍ଷ୍ୟରେ ସ୍ଥିତି ଯାଞ୍ଚ ପାଇଁ ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ରୀୟ ଦଳ
- ସୁଭଦ୍ରା ଯୋଜନାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଆବେଦନପତ୍ର ସଂଗ୍ରହ ପ୍ରକ୍ରିୟା

ଏବଂ

- ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା; ଘଡ଼ଘଡ଼ି ସହ ବର୍ଷା ହେବା ନେଇ ରାଜ୍ୟର ୧୪ଟି ଜିଲ୍ଲାକୁ ସତର୍କ ସୂଚନା

*BBSR/R*

## ବିଧାନସଭା-୧

ରାଜ୍ୟ ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ଆଜି ଦ୍ୱିତୀୟାର୍ଦ୍ଧରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଭାଗୀୟ ଖର୍ଚ୍ଚ ଦାବି ଉପସ୍ଥାପିତ କରିଛନ୍ତି। ମନ୍ତ୍ରୀ ଶ୍ରୀ ଜେନା ମୋଟ୍ ୪୫୬ କୋଟି ୩୭ ଲକ୍ଷ ଅଣାଅସୀ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପିତ କରିଛନ୍ତି। ଖର୍ଚ୍ଚ ଦାବି ଉପସ୍ଥାପିତ ହେବା ପରେ ଉଭୟ ଶାସକ ଓ ବିରୋଧୀ ଦଳର ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

*BBSR*

## ବିଧାନସଭା-୨

ଚଳିତ ବର୍ଷ ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କୌଣସି ନୂଆ ରାସ୍ତାକୁ ଅନୁମୋଦନ ମିଳିନାହିଁ ବୋଲି ଆଜି ବିଧାନସଭାରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ପୂର୍ବରୁ କାର୍ଯ୍ୟ ଚାଲୁ ରହିଥିବା ରାସ୍ତା ମଧ୍ୟରୁ ୧ ହଜାର ୭୨୧ ଦଶମିକ ୩/୯ କିଲୋମିଟର ରାସ୍ତା ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ସେହିପରି ପିଏମ୍ ଜନମନ ଯୋଜନାରେ ଗତ ଆର୍ଥିକ ବର୍ଷରେ ମୋଟ୍ ୧୪୭ ଦଶମିକ ୮/୭ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲା। ସେଥିମଧ୍ୟରୁ ଚଳିତ ଆର୍ଥିକ ବର୍ଷରେ ୪୯ ଦଶମିକ ୨/୯ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ରାଜ୍ୟରେ ମୁଖ୍ୟମନ୍ତ୍ରୀ ସଡ଼କ

ଯୋଜନା ଅଧୀନରେ ଥିବା ବିଭିନ୍ନ ଯୋଜନାରେ ନୂତନ ରାସ୍ତା ନିର୍ମାଣ ତଥା ପ୍ରଶସ୍ତିକରଣ ପାଇଁ ସମସ୍ତ ବିଭାଗଠାରୁ ପ୍ରସ୍ତାବ ଆହ୍ୱାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

***I&PR***

## ଜାତୀୟ ଶିକ୍ଷାନୀତି

ଉଚ୍ଚଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଜାତୀୟ ଶିକ୍ଷାନୀତିର ପ୍ରଣୟନ ଏକାନ୍ତ ଆବଶ୍ୟକ । ଛାତ୍ରଛାତ୍ରୀମାନଙ୍କୁ ମାତୃଭାଷାରେ ଶିକ୍ଷାଦାନ ଦ୍ୱାରା ସେମାନଙ୍କର ସୃଜନଶୀଳତାର ବିକାଶ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷାନୀତିର ପ୍ରଣୟନ ପାଇଁ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ଭବନଠାରେ ଅନୁଷ୍ଠିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷାନୀତି ପ୍ରଣୟନ ହେବା ଦ୍ୱାରା ଛାତ୍ରଛାତ୍ରୀମାନେ ଏକ ଉପଯୁକ୍ତ ଶୈକ୍ଷିକ ପରିବେଶ ପାଇପାରିବେ । ଏହା ସେମାନଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ ବୋଲି ଶ୍ରୀ ସୁରଜ କହିଛନ୍ତି । ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ସଂସ୍ଥାନ ନୂଆଦିଲ୍ଲୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

***Desk***

## ବାର୍ଡ ଫ୍ଲୁ

ରାଜ୍ୟରେ ବାର୍ଡ ଫ୍ଲୁ ନିୟନ୍ତ୍ରଣ ଏବଂ ନିରାକରଣ ଲାଗି ଆସନ୍ତାକାଲିଠାରୁ କେନ୍ଦ୍ରୀୟ ଦଳ ଓଡ଼ିଶା ଗସ୍ତରେ ଆସି ସ୍ଥିତିର ଯାଞ୍ଚ

କରିବାର କାର୍ଯ୍ୟସୂଚୀ ରହିଛି। ଏ ସମ୍ପର୍କରେ କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ବିଭାଗର ସଚିବ ଅଲକା ଉପାଧ୍ୟାୟ କହିଛନ୍ତି, ଓଡ଼ିଶାରେ ବାର୍ଡ ଫ୍ଲୁର ମୁକାବିଲା ପାଇଁ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେବେ। ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ, ନିମାପଡ଼ା ଏବଂ ଡେଲାଙ୍ଗ ବ୍ଲକ୍‌ର ୪ଟି ଗ୍ରାମରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା ଜଣାପଡିଛି। ସେହି ସବୁ ଅଞ୍ଚଳରେ କୁକୁଡ଼ାମରା ଅଭିଯାନ ଜାରି ରହିଛି। ଗତକାଲି ୧୦ ହଜାର କୁକୁଡାଙ୍କୁ ମାରି ପୋତିଦିଆଯାଇଛି। ଏହାକୁ ମିଶାଇ ଗତକାଲି ସୁଦ୍ଧା ୩୫ ହଜାର ୩୨୯ଟି କୁକୁଡା ମରାଯିବା ସହ ଅଣ୍ଡା ଏବଂ କୁକୁଡା ଦାନକୁ ନଷ୍ଟ କରାଯାଇଛି। କୁକୁଡା ମାରିବା ଏବଂ ଫାର୍ମ ବିଶୋଧନ କାର୍ଯ୍ୟରେ ୫୧ଟି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ ନିୟୋଜିତ ହୋଇଛନ୍ତି।

***HS***

## ରାଜ୍ୟପାଳଙ୍କୁ ସାକ୍ଷାତ

ରାଜ୍ୟ ପୁଲିସ ମହାନିର୍ଦ୍ଦେଶ ୱାଇ.ବି. ଖୁରାନିଆ ଆଜି ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରିଛନ୍ତି। ଏ ନେଇ ରାଜ୍ୟପାଳ ସାମାଜିକ ଗଣମାଧମରେ ସୂଚନା ଦେଇଛନ୍ତି। ପୁଲିସ ଲୋକଙ୍କ ବିଶ୍ୱାସ ହାସଲ କରିବା ପାଇଁ ସବୁ ପ୍ରକାର ପ୍ରୟାସ କରିବା ଉଚିତ। ଏଥିସହ ପ୍ରତି ଅଭିଯୋଗକାରୀଙ୍କ କଥା ଶୁଣିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

***PIB***

## ଏକ୍ ପେଡ୍ ମା' କେ ନାମ୍

ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଅଧିନରେ ଦେଶବ୍ୟାପୀ ଏପର୍ଯ୍ୟନ୍ତ ୫୨ କୋଟି ଚାରାରୋପଣ କରାଯାଇଛି ବୋଲି କେନ୍ଦ୍ର ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ବିଶ୍ୱ ପରିବେଶ ଦିବସ ଅବସରରେ ଗତ ଜୁନ୍ ମାସ ୫ ତାରିଖରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ଏବଂ ନିରନ୍ତର ବିକାଶ ପାଇଁ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ।

***Desk***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଆସନ୍ତାକାଲିଠାରୁ ଆବେଦନପତ୍ର ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏହି ଆବେଦନପତ୍ର ଦାଖଲ ସମ୍ପୂର୍ଣ୍ଣ ମାଗଣା ହେବ। ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ନିରୂପଣ କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନ ଓ କାର୍ଯ୍ୟାଳୟରେ ଆବେଦନପତ୍ର ସଂଗ୍ରହ କରାଯାଇପାରିବ। ସୂଚନା ଅନୁସାରେ, ସୁଭଦ୍ରା ଯୋଜନା ସମ୍ପର୍କିତ ତଥ୍ୟ ସହଜରେ ଉପଲବ୍ଧ କରାଇବା ପାଇଁ ୱେବ୍ ପୋର୍ଟାଲ୍ subhadra.odisha.gov.inର ଶୁଭାରମ୍ଭ ହୋଇଛି। ଏହା ସହ ଟୋଲ୍‌ଫ୍ରି ନମ୍ବର ୧୪୬୭୮ ମଧ୍ୟ ଜାରି କରାଯାଇଛି । ଏହା ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ । ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦି ଆସନ୍ତା ୧୭ ତାରିଖରେ ରାଜ୍ୟରେ  ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ ।

***Desk***

## ବି.ଜେ.ପି. ସଦସ୍ୟତା ଅଭିଯାନ

ରାଜ୍ୟରେ ଆଜିଠାରୁ ବିଜେପିର ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି । ପ୍ରଥମ ଦିନରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ ଓ ବିଧାୟକମାନେ ସଦସ୍ୟତା ଗ୍ରହଣ କରିଛନ୍ତି।

ଏହି ଅଭିଯାନରେ ନୂତନ ସଭ୍ୟ ସଂଗ୍ରହ ସହିତ ସଦସ୍ୟମାନଙ୍କର ମଧ୍ୟ ପୁନଃନବୀକରଣ କାର୍ଯ୍ୟର  ବ୍ୟବସ୍ଥା କରାଯାଇଛି ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ରାଜ୍ୟରେ ଦଳର ପ୍ରାୟ ୪୨ ଲକ୍ଷ ସଦସ୍ୟ ରହିଛନ୍ତି । ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ଚଳିତମାସ ୨୫ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବର ମାସ ୨ତାରିଖରୁ ୧୫ ତାରିଖ ମଧ୍ୟରେ ସଦସ୍ୟତା ଅଭିଯାନ ଚାଲିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

***Sambalpur***

## ନୂଆଖାଇ- ନୂଆ ଧାନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଳନ ପାଇଁ ଆସନ୍ତା ରବିବାର ଲଗ୍ନ ଧାର୍ଯ୍ୟ ହୋଇଛି। ଏଥିପାଇଁ ମା' ସମଲେଈଙ୍କ ମନ୍ଦିରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ନୂଆ ଧାନ ମନ୍ଦିରରେ ଆଜି ପହଁଞ୍ଚିସାରିଛି। ଏହି ନୂଆଧାନରୁ ନବାନ୍ନ ପ୍ରସ୍ତୁତି କରାଯାଇ ରବିବାର ଦିନ ମା' ସମଲେଈଙ୍କ ନିକଟରେ ଅର୍ପଣ କରାଯିବ। ଏ ସମ୍ପର୍କରେ ଆମ ସମ୍ବଲପୁର ସମ୍ବାଦଦାତାଙ୍କ ରିପୋର୍ଟ...

**- V/O –**

***Puri***

## ପୁରୀ-ସପ୍ତପୁରୀ ଅମାବାସ୍ୟା

**ପୁରୀ** ଶ୍ରୀମନ୍ଦିରରେ ଆଜି ସପ୍ତପୁରୀ ଅମାବାସ୍ୟା ନୀତି ଅନୁଷ୍ଠିତ ହେଉଛି । ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ଭାବେ ପାଳନ କରାଯାଇଥାଏ । ଶ୍ରୀଜଗନ୍ନାଥଙ୍କ ଠାରେ ସପ୍ତପୁରୀ ଭୋଗ ଲାଗି ହୋଇଛି। ଏହି ଭୋଗକୁ ମା' ଦକ୍ଷିଣକାଳୀ ମହାପ୍ରଭୁଙ୍କ ନିମନ୍ତେ ପ୍ରସ୍ତୁତ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଅବକାଶ ନୀତି ପରେ ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯାଇ ସପ୍ତପୁରୀ ଅମାବାସ୍ୟା ନୀତିକାନ୍ତି ଅନୁଷ୍ଠିତ ହୋଇଛି। ସନ୍ଧ୍ୟାଧୂପ ପରେ ଶ୍ରୀଜୀଉଙ୍କର ବସ୍ତ୍ରହରଣ ପ୍ରସ୍ତାବ ସହ ବିଜେ ପ୍ରତିମା ଶ୍ରୀନାରାୟଣ ସାଗର ବିଜେ କରିବେ।

*Boudh*

## ଫସଲ ସର୍ବେକ୍ଷଣ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ କେଲାକଛା ଗ୍ରାମର ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକୁ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି । ଏହି ଅବସରରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସର୍ବେକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Naygarh*

## ଆଲୋଚନାଚକ୍ର

ନୟାଗଡ଼ ମଡେଲ ଡିଗ୍ରୀ କଲେଜର ବିଜ୍ଞାନ ସମିତି ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ବକ୍ତାମାନେ ଯୋଗଦେଇ ରସାୟନ ବିଜ୍ଞାନର ପାର୍ଶ୍ୱପ୍ରତିକ୍ରିୟା ଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିଲେ ଋତୁ ଅନିୟମିତତାର ଦୀର୍ଘସୂତ୍ରୀ ସମାଧାନ ବାହାରିପାରିବ ବୋଲି କହିଛନ୍ତି ।

*BHK*

## ଏସିଡ୍ ଆକ୍ରାନ୍ତ କର୍ମଶାଳା

ଭଦ୍ରକ ଜିଲ୍ଲାରେ ଜାତୀୟ ଆଇନ ସହାୟତା ସଂସ୍ଥା ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏସିଡ୍ ଆକ୍ରାନ୍ତ ମହିଳାଙ୍କୁ କ୍ଷତିପୂରଣ ଜନିତ ସହାୟତା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇନସେବା ପ୍ରାଧିକରଣର ସଦସ୍ୟମାନେ ଯୋଗଦେଇ ଏସିଡ୍

ଆକ୍ରାନ୍ତଙ୍କୁ ସରକାରୀ ସ୍ତରରେ ଆଇନ ସହାୟତା ପ୍ରଦାନ, ଦୋଷୀଙ୍କୁ ଦଣ୍ଡ ପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

***MET***

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ଗୁରୁବାର ଦିନ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ଦକ୍ଷିଣ, ଉପକୂଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୪ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ହାଟଡିହିଠାରେ ସର୍ବାଧିକ ୭୦ ଦଶମିକ ୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

*****